# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 19th December - 2024
### News Editor : *Tapan Kumar Maharana*
*********************************

***Desk***

## ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତର ଆଜି ତୃତୀୟ ଦିନରେ ଚମ୍ପୁଆସ୍ଥିତ ସରକାରୀ ମହତାବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ଯୋଗଦେବେ । ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି ।

ଗତସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଗୋନାସିକା ମହୋତ୍ସବ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କେନ୍ଦୁଝର ମାଟିର କଳା, ସଂସ୍କୃତି ଓ ପରମ୍ପରା ଅନନ୍ୟ ପରିଚୟ ସୃଷ୍ଟି କରିଛି ବୋଲି ସେ କହିଥିଲେ ।

***Desk***

## ସର୍ଗିଫୁଲ

ନୂଆପିଢ଼ି ଅଧିକ ଗବେଷଣା ଅଭିମୁଖୀ ହେବା ଆବଶ୍ୟକ ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି । ଗତ ସନ୍ଧ୍ୟାରେ

ଭୁବନେଶ୍ୱରସ୍ଥିତ ଆଦିବାସୀ ପଡ଼ିଆରେ ଆୟୋଜିତ ତିନିଦିନିଆ ସର୍ଗିଫୁଲ ଉତ୍ସବକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ନାଏକ  ଚଳିତ ବର୍ଷ ଦଶମ ବୋର୍ଡ଼ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୧୦ ଜଣ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିଥିଲେ ।

***Desk***

## ଆୟୁଷ୍ମାନ ଭାରତ

ରାଜ୍ୟରେ ଚଳିତ ଆର୍ଥିକ ବର୍ଷରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିବା ଲାଗି ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ତିନିଜଣିଆ କେନ୍ଦ୍ରୀୟ ଦଳ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିଛନ୍ତି । ରାଜ୍ୟରେ ଚାଲିଥିବା ଗୋପାବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ଯୋଜନାକୁ କିଭଳି ଏକତ୍ର କାର୍ଯ୍ୟକାରୀ କରାଯିବ, ଏହା ଉପରେ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା ହୋଇଥିବା ଜଣାପଡ଼ିଛି ।

***Desk***

## ବକେୟା ବିଦ୍ୟୁତ୍ ଶୁଳ୍କ

ବାକି ପଡ଼ିଥିବା ବିଦ୍ୟୁତ୍ ଶୁଳ୍କ ଆଦାୟ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କିତ

ସମୀକ୍ଷା ବୈଠକରୁ ରାଜ୍ୟର ୨୩ଟି ଶିଳ୍ପସଂସ୍ଥା ଉପରେ ୧ ହଜାର ୯୬ କୋଟି ଟଙ୍କା ବକେୟା ବିଦ୍ୟୁତ୍ ଶୁଳ୍କ ରହିଥିବା ଜଣାପଡ଼ିଛି । ବିଭିନ୍ନ ଅଦାଲତରେ ଏ ସମ୍ପର୍କିତ ମାମଲା ବିଚାରାଧୀନ ଥିବାରୁ ଆଡ୍‌ଭୋକେଟ୍ ଜେନେରାଲ୍ ଏବଂ ବିଭାଗୀୟ ପରାମର୍ଶଦାତାଙ୍କ ସହାୟତା ନେବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

***Desk***

# ଅନୁ ଗର୍ଗ

ରାଜ୍ୟ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଉଠା ଜଳସେଚନ ନିଗମର ନିର୍ଦ୍ଦେଶକ ମଣ୍ଡଳିର ଅଧ୍ୟକ୍ଷ ଭାବେ ଦିଆଯାଇଛି । ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି ।

***Desk***

# ଯୁକ୍ତ ଦୁଇ ପରୀକ୍ଷା

ରାଜ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ନିମନ୍ତେ ୧ ହଜାର ୨ ଶହ ଛସ୍ତରିଟି ପରୀକ୍ଷା କେନ୍ଦ୍ର କରାଯାଇଛି । ଏଥିରେ ୮ଟି ଉପ-ପରୀକ୍ଷା କେନ୍ଦ୍ର ରହିଛି । ସୂଚନା ଅନୁଯାୟୀ, ଆସନ୍ତାବର୍ଷ ଫେବୃୟାରୀ ୧୮ରୁ ଆରମ୍ଭ ହେବାକୁ ଥିବା ପରୀକ୍ଷାରେ ୩ ଲକ୍ଷ ୯୨ ହଜାର

୮ ଶହ ସତଷଠି ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ । ପରିଷଦ ପକ୍ଷରୁ ପରୀକ୍ଷା କେନ୍ଦ୍ର ତାଲିକା ପ୍ରକାଶିତ ହୋଇଥିବା ଜଣାପଡ଼ିଛି ।

*Cuttack/R*

## ଯୁବା ଉତ୍ସବ

ନେହେରୁ ଯୁବକେନ୍ଦ୍ର କଟକ ଓ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଯୁବା ଉତ୍ସବ ଓ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଦେଶ ଗଠନରେ ଯୁବଶକ୍ତିର ଭୂମିକା ଉପରେ ଆଲୋଚନା କରିଥିଲେ । ଏଥିରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

*Nabarangpur/R*

## ରକ୍ତଭଣ୍ଡାର

ନବରଙ୍ଗପୁର ଜିଲ୍ଲା ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ରକ୍ତଭଣ୍ଡାର ଖୋଲିବ । ଏନେଇ କେନ୍ଦ୍ର ସରକାର ଲାଇସେନ୍ସ ପ୍ରଦାନ କରିଛନ୍ତି । ଏହି ରକ୍ତଭଣ୍ଡାରରେ ରକ୍ତ ସଂଗ୍ରହ, ପ୍ରକ୍ରିୟାକରଣ ଓ ବଣ୍ଟନପାଇଁ

ଅନୁମତି ମିଳିଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଏହି କେନ୍ଦ୍ର ପରିଦର୍ଶନ କରିବା ପରେ ଅନୁମତି ମିଳିଥିବା ଜଣାପଡ଼ିଛି ।

***Bolangir/R***

## ଧାନକିଣା ଅସହଯୋଗ

ବଲାଙ୍ଗିର ଜିଲ୍ଲାରେ ଧାନକିଣାରେ ଅସହଯୋଗ ବଢୁଥିବାରୁ ୪ଟି ମିଲର୍ସଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଚଳିତ ମାସ ୨ ତାରିଖରୁ ଜିଲ୍ଲାରେ ଧାନକିଣା ଆରମ୍ଭ ହୋଇଥିଲେ ମଧ୍ୟ ପୁଇଁତଳା ଭାଗବତୀ, ବେଲପଡ଼ା ସାମଜୀ, ରାଧାଗୋବିନ୍ଦ ଓ ଜୟମାତାଦୀ ମିଲର୍ସ ମଣ୍ଡିରୁ ଧାନ ଉଠାଉ ନ ଥିବାରୁ ଜିଲ୍ଲା ପ୍ରଶାସନ କାରଣ ଦର୍ଶାଅ ନୋଟିସ ଜାରି କରିଛି ।

***Baragarh/R***

## ରାଜସ୍ୱ ଆୟୁକ୍ତ

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଗସ୍ତରେ ଯାଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ଶ୍ରୀ ଯାଦବ ବିଭିନ୍ନ ବିଭାଗୀୟ କାର୍ଯ୍ୟ ସମୀକ୍ଷା କରି ସୁରୁଖୁରୁରେ କାର୍ଯ୍ୟ ସମ୍ପାଦନ ନେଇ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ପରିଦର୍ଶନ ସମୟରେ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଅନ୍ୟପକ୍ଷରେ ଜିଲ୍ଲାସ୍ତରୀୟ ବୀରତା ଦିବସ-୨୦୨୫ ପାଳନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି ।

***Desk***

## କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ଓଡ଼ିଆ ଭାଷାରେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଓ ସାନ୍ତାଳୀ ଭାଷାରେ ମହେଶ୍ୱର ସୋରେନ ଚଳିତ ବର୍ଷର ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ । 'ଭୂତି, ଭକ୍ତି, ବିଭୂତି' ପ୍ରବନ୍ଧ ପୁସ୍ତକ ପାଇଁ ପ୍ରଫେସର ସାମଲ୍ ଓ ନାଟ୍ୟ ପୁସ୍ତକ 'ସେଚେତ୍ ସାଓ୍ୱନ୍ତା ରେନ୍ ଆନ୍ଧା ମାନ୍‌ନୀ' ପାଇଁ ଶ୍ରୀ ସୋରେନ୍‌ଙ୍କୁ ଆସନ୍ତା ବର୍ଷ ମାର୍ଚ୍ଚ ୮ ତାରିଖରେ ଏହି ପୁରସ୍କାର ପ୍ରଦାନ କରାଯିବ । ଉଭୟ ସାହିତ୍ୟିକଙ୍କୁ ସେମାନଙ୍କ କୃତିତ୍ୱ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି ।

***Cuttack/R***

## ବାସ୍କେଟ୍ ବଲ୍

୬୫ତମ ରାଜ୍ୟ ବରିଷ୍ଠ ବାସ୍କେଟ୍ ବଲ୍ ପ୍ରତିଯୋଗିତା କଟକ ଜବାହରଲାଲ୍ ନେହେରୁ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଛି । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୁଷ

ବର୍ଗରେ ୩୨ଟି ଏବଂ ମହିଳା ବର୍ଗରେ ୧୭ଟି ଦଳ ଅଂଶଗ୍ରହଣ କରିଛନ୍ତି । ଗତକାଲି ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକରେ ମାରୱାଡ଼ି ଦଳ, କିଟ୍ ଦଳ, ଭଦ୍ରକ, ରାୟଗଡ଼ା, ପୁରୀ ଦଳ ବିଜୟ ଲାଭ କରିଛନ୍ତି ।

***Baragarh/R***

## ଯକ୍ଷ୍ମା ନିରାକରଣ

୧୦୦ ଦିନ ବ୍ୟାପୀ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଗତ ୭ ତାରିଖଠାରୁ ଆରମ୍ଭ ହୋଇଥିବାବେଳେ ବରଗଡ଼ ଜିଲ୍ଲାର ୧୨ଟି ବ୍ଲକ୍‌ରେ ସ୍ୱାସ୍ଥ୍ୟକର୍ମୀ ଏବଂ ଆଶାକର୍ମୀଙ୍କ ଜରିଆରେ ଯକ୍ଷ୍ମାରୋଗୀ ଚିହ୍ନଟ କରାଯାଉଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ, ୨୦୨୩ ମସିହାରେ ୧ ହଜାର ୭୯୮ ଜଣ ଯକ୍ଷ୍ମାରୋଗୀ ପଞ୍ଜିକୃତ ହୋଇଥିବାବେଳେ ଚଳିତ ବର୍ଷ ୯୦ ଜଣଙ୍କ ମୃତ୍ୟୁ ଘଟିଛି । ତେବେ ଏଥିରେ ୯୧ ଦଶମିକ ୯/୫ ପ୍ରତିଶତ ରୋଗୀ ଚିକିତ୍ସା ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା କାର୍ଯ୍ୟକ୍ରମ ସଂଯୋଗ କହିଛନ୍ତି ।

*****